## ସଂକ୍ଷେପରେ

### ଅସଦାଚରଣ ଅଭିଯୋଗ

ଅନୁଗୋଳ ଅଫିସ୍, ୪।୨- ଅନୁଗୋଳ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ନାବାଳିକାଙ୍କ ମା' ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିବାପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ନାବାଳିକାଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଅଭିଯୁକ୍ତ ଅନିଲ ବେହେରା(୨୪) ନାବାଳିକାଙ୍କୁ ପ୍ରେମ ନିବେଦନ କରିବା ସହ ଟଣା ଓଟରା କରିଥିଲେ। ନାବାଳିକା ଜଣକ ଏ ନେଇ ପରିବାର ଲୋକଙ୍କୁ ଜଣାଇବା ପରେ ଗ୍ରାମ କମିଟି ବସି ଆପୋସ ସମାଧାନ ପାଇଁ ଉଦ୍ୟମ କରିଥିଲା। କିନ୍ତୁ ସମାଧାନ ହୋଇ ନ ପାରିବାରୁ ଥାନାରେ ଅଭିଯୋଗ କରାଯାଇଛି।

### ବାର୍ଡ ଫ୍ଲୁ ଆଶଙ୍କା ନେଇ ତନାଘନା

ଅନୁଗୋଳ ଅଫିସ୍, ୪।୨- ଅନୁଗୋଳରେ କୁକୁଡ଼ା ଓ କାଉ ମଡ଼କ ଦେଖାଦେଇଥିବାରୁ ସହରରେ ବାର୍ଡ ଫ୍ଲୁ ନେଇ ଆଶଙ୍କା ପ୍ରକାଶ ପାଇଥିବା ବେଳେ ମଙ୍ଗଳବାର ଜନସ୍ୱାସ୍ଥ୍ୟ ବିଭାଗ ଏଡିଏମ୍ଓ ଦିଲୀପ ପଟ୍ଟନାୟକଙ୍କ ସହ ଏକ ଟିମ୍ ଆମିଷ ବଜାର ସହ ଅନ୍ୟ କେତେକ ସ୍ଥାନରେ ଯାଞ୍ଚ କରିଥିଲେ। ତେବେ ବାର୍ଡ ଫ୍ଲୁ ନେଇ ସେପରି କୌଣସି ଲକ୍ଷଣ ଦେଖାଯାଇ ନ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ତଥାପି କୁକୁଡ଼ା ମଡ଼କ ନେଇ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ପକ୍ଷରୁ ବୁଧବାର ଏକ ଟିମ୍ ତଦନ୍ତ କରିବ ବୋଲି ଜନସ୍ୱାସ୍ଥ୍ୟ ବିଭାଗ ସୂଚନା ପ୍ରଦାନ କରିଛି।

### ଏସ୍ଆଇ ପ୍ରକାଶଙ୍କୁ ତଦନ୍ତ ଦାୟିତ୍ୱ



ଅନୁଗୋଳ ଅଫିସ୍, ୪।୨- ଲିଙ୍ଗରାଯୋଡ଼ିର ବାପି ଓରଫ୍ ସତ୍ୟଜିତ୍ ପ୍ରଧାନ(୩୩)ଙ୍କଠାରୁ ବେଆଇନ ବନ୍ଧୁକ ଜବତ ମାମଲାର ତଦନ୍ତ କରିବାକୁ ନୂତନ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଗିରଫ ହେବାର ମାତ୍ର ୩୦ ମିନିଟ୍ ମଧ୍ୟରେ ବାପି ବେଲ୍ ପାଇଥିବା ଯୋଗୁ ଏହି ମାମଲାର ତଦନ୍ତକାରୀ ଅଧିକାରୀ ଥିବା ଏସ୍ଆଇ ଅରକ୍ଷିତ ସେଠୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିବା ବେଳେ ଏବେ ଏସ୍ଆଇ ପ୍ରକାଶ ଚନ୍ଦ୍ର ମାଝିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିବା ଏସ୍ପି ଜଗମୋହନ ମୀନା ସୂଚନା ଦେଇଛନ୍ତି।

# ବ୍ୟବଚ୍ଛେଦ ଗୃହରୁ କାଜୁଆଲଟି

**ଅନୁଗୋଳ ଅଫିସ୍, ୪।୨**

- ବଞ୍ଚିଥିବା ଭାବି ୨ଥର ଫେରାଇ ଅଣାଯାଇଥିଲା ମୃତଦେହ
- ବୁଝାଶୁଝା ପରେ ବୁଝିଲେ ପରିବାର ଲୋକେ
- ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା

ଗୁରୁତର ଅବସ୍ଥାରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିବା ଜଣେ ମହିଳାଙ୍କୁ ଡାକ୍ତର ମୃତ ଘୋଷଣା କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲେ ବି ପରିବାର ଲୋକେ ମହିଳାଜଣକ ବଞ୍ଚିଥିବା ଭାବି ୨ଥର ବ୍ୟବଚ୍ଛେଦ ଗୃହରୁ କାଜୁଆଲଟିକୁ ଫେରାଇ ଆଣିଥିଲେ। ଏପରି କି ଡାକ୍ତର ଭଲ ଭାବେ ଦେଖୁ ନ ଥିବା ଅଭିଯୋଗ କରି ସେମାନେ ତାତି ଯାଇଥିଲେ। ଖବରପାଇ ଅନୁଗୋଳ ପୋଲିସ ଓ ଏଡିଏମ୍ଓ (ମେଡିକାଲ) ଡାକ୍ତର ପ୍ରତାପ ବେହେରା କାଜୁଆଲିଟିରେ ପହଞ୍ଚି ବୁଝାଶୁଝା କରିବା ପରେ ପରିବାର ଲୋକେ ମୃତଦେହ ବ୍ୟବଚ୍ଛେଦ କରାଇଥିଲେ।



ଜିଲା ମୁଖ୍ୟ ଚିକିତ୍ସାଳୟ।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ଛେଣ୍ଡିପଦା ଥାନା ମାମୁରିଆ ଅଞ୍ଚଳର ହୀରା ମଲିକ(୫୫)ଙ୍କ ଉଚ୍ଚ ରକ୍ତଚାପ ଥିବାରୁ ଡାକ୍ତରଙ୍କ ପରାମର୍ଶ ଅନୁସାରେ ପରିବାର ଲୋକେ ଏକ ମେଶିନ କିଣି ଆବଶ୍ୟକ ବେଳେ ତାଙ୍କ ପଲ୍ସ ମାପୁଥିଲେ। ମଙ୍ଗଳବାର ଭୋର୍ ସମୟରେ ହଠାତ୍ ହୀରାଙ୍କ ରକ୍ତ ଚାପ ବଢ଼ିବା ସହ ହୃଦ୍‌ଘାତ ହୋଇଥିଲା। ଗୁରୁତର ଅବସ୍ଥାରେ ପୁଅ ରାଜେଶ ପ୍ରସାଦ ମଲିକ ଓ ଅନ୍ୟମାନେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଆସିଥିଲେ। ହେଲେ ଡାକ୍ତର ହୀରାଙ୍କୁ ମୃତ ଘୋଷଣା କରି ବ୍ୟବଚ୍ଛେଦ ପାଇଁ ମୃତଦେହ ପଠାଇ ଦେଇଥିଲେ। ଏହି ସମୟରେ ପରିବାର ଲୋକେ ଆଣିଥିବା ପଲ୍ସ ମେଶିନ୍ କାର୍ଯ୍ୟ କରୁଥିବାରୁ ହୀରା ବଞ୍ଚିଥିବା ଭାବି ତାଙ୍କୁ କାଜୁଆଲଟି ଫେରାଇ ଆଣିବା ସହ ଠିକ୍ ଭାବେ ଡାକ୍ତର ଦେଖୁ ନ ଥିବା ଅଭିଯୋଗ କରିଥିଲେ। ଡାକ୍ତର ପୁନଃ ଯାଞ୍ଚ ପରେ ହୀରା ମୃତ ବୋଲି କହି ବ୍ୟବଚ୍ଛେଦ କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଉକ୍ତ ପଲ୍ସ ମେଶିନ ଯୋଗୁ ହୀରା ବଞ୍ଚିଥିବା ପୁଣି ଦାବି କରି ପରିବାର ଲୋକେ ତାଙ୍କୁ କାଜୁଆଲଟିକୁ ଆଣିଥିଲେ। ଏହାକୁ ନେଇ ଡାକ୍ତରଖାନା ପରିସରରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପୋଲିସ ଓ ଏଡିଏମ୍ଓ ମେଡିକାଲରେ ପହଞ୍ଚି ବୁଝାଶୁଝା କରିଥିଲେ। ନିଜେ ଏଡିଏମ୍ଓ ବେହେରା ଯାଞ୍ଚ କରିବା ସହ ହୀରାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ସମ୍ପର୍କରେ ଏଡିଏମ୍ଓ ବେହେରା କହିଛନ୍ତି, ମୃତ୍ୟୁ ପରେ ବି କିଛି ସମୟ ପର୍ଯ୍ୟନ୍ତ ପଲ୍ସ ମେଶିନ ସାମାନ୍ୟ କାର୍ଯ୍ୟ କରିଥାଏ। ଏହାକୁ ନେଇ ହୀରାଙ୍କ ପରିବାର ଲୋକେ ସନ୍ଦେହରେ ପଡ଼ିଥିଲେ। ତେବେ ବୁଝାଶୁଝା ପରେ ସେମାନେ ମୃତଦେହ ବ୍ୟବଚ୍ଛେଦ କରାଇଥିଲେ ବୋଲି ବେହେରା ପ୍ରକାଶ କରିଛନ୍ତି।

# ବିଦ୍ୟାଳୟ ବାର୍ଷିକ ଉତ୍ସବ



କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ଅନୁଗୋଳ ଅଫିସ୍, ୪।୨**

ଅନୁଗୋଳସ୍ଥିତ ହୁଲୁରିସିଂହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଧାୟକ ରଜନୀକାନ୍ତ ସିଂହ ଓ ବ୍ଲକ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ ମୁଖ୍ୟଅତିଥି, ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଶାନ୍ତନୁ କୁମାର ସର ମୁଖ୍ୟବକ୍ତା ଓ ସୁଶିଲ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ପ୍ରକାଶ କୁମାର ସାହୁ ଅତିଥି ପରିଚୟ ଦେଇଥିବା ବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ମଞ୍ଜରୀ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉପଦେଷ୍ଟା କମିଟି ସଭ୍ୟ ନୀଳାଞ୍ଚଳ ପ୍ରଧାନ, ପ୍ରଣବ କୁମାର ପଟ୍ଟନାୟକ, ପରିଚାଳନା କମିଟି ସଭ୍ୟାସଭ୍ୟ, ମାତୃ ଶିକ୍ଷକ କମିଟି ସଭ୍ୟାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଚାଳନା କମିଟି ଅଧ୍ୟକ୍ଷ ଦିବ୍ୟଲୋଚନ ସାହୁ ଧନ୍ୟବାଦ ଦେଇଥିଲେ।

# ମଧୁବାବୁଙ୍କ ଜୀବନୀ ଜାଣିବା ଆବଶ୍ୟକ



ଉତ୍କଳ ସମ୍ମିଳନୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

**ଅନୁଗୋଳ ଅଫିସ୍, ୪।୨**

ଅନୁଗୋଳ ନାଲ୍‌କୋନଗରସ୍ଥିତ ମଧୁସୂଦନ ପାର୍କଠାରେ ମଧୁବାବୁଙ୍କ ୮୬ତମ ପୁଣ୍ୟତିଥି ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ ଅନୁଗୋଳ ଜିଲା ସମ୍ପାଦକ ଇଂ.ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ରେଢ଼ାଖୋଲ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ. ଶିଶିର କୁମାର ମିଶ୍ର ମୁଖ୍ୟଅତିଥି ଓ ନାଲ୍‌କୋ ସରସ୍ୱତୀ ବିଦ୍ୟାମନ୍ଦିରର ଉପାଧ୍ୟକ୍ଷ ଡ. ସିଦ୍ଧନାଥ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେହିପରି ମଧୁସ୍ମୃତି କମିଟି ସଭାପତି ବିଭୂତି ଭୂଷଣ ଶତପଥୀ ଓ ବରିଷ୍ଠ ଶିକ୍ଷକ ସତ୍ୟବାଦୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ପରବର୍ତ୍ତୀ ପିଢ଼ି ମଧୁବାବୁଙ୍କ ଜୀବନୀ ସମ୍ପର୍କରେ ଜାଣିବା ଏକାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ବିଜୟ କୁମାର ସାହୁ, ପ୍ରଶାନ୍ତ କୁମାର ନାୟକ, ରବିନାରାୟଣ ନାଥ, ମାମିନା ବେହେରା, ପ୍ରଭାତୀ ସାହୁ ଓ ପ୍ରଗତି ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ। ଜିଲା କୋଷାଧ୍ୟକ୍ଷ ଶ୍ରୀକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

# ବ୍ଲକ ମହୋତ୍ସବ ପାଇଁ ପ୍ରସ୍ତୁତି

**ଛେଣ୍ଡିପଦା,୪।୨(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ମହୋତ୍ସବ-୨୦୨୦ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ବ୍ଲକ ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୬ ତାରିଖରେ ଛେଣ୍ଡିପଦା ପଞ୍ଚାୟତ ସମିତି ସୌଜନ୍ୟରେ ମିନି ଷ୍ଟାଡିୟମ ଠାରେ ଏହାକୁ ପାଳନ ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନୀଲ କୁମାର କେର୍କେଟାଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ ହୋଇଥିଲା। ବୈଠକରେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ତହସିଲଦାର ଡାନିଏଲ ଏକ୍କାଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର ପଦାଧିକାରୀ ଯୋଗ ଦେଇଥିଲେ। ଉତ୍ସବକୁ ସୂଚାରୁ ରୂପେ ସମ୍ପାଦନ ପାଇଁ ବିଭିନ୍ନ ବିଭାଗର କର୍ମଚାରୀଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଚଳିତ ବର୍ଷ ପ୍ରଥମ ଥର ପାଇଁ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର ବ୍ୟବସ୍ଥା କରାଯାଇଛି।

# ଉତ୍ତମ ନାଗରିକ ନେଇ ପରାମର୍ଶ

**ଅନୁଗୋଳ ସହର, ୪।୨**

ଅନୁଗୋଳ ସୁସୁଡ଼ାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଚେୟାରମ୍ୟାନ ଅନିଲ କୁମାର କର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସୋମେଶଦତ୍ତ ଦାସ, ମୁଖ୍ୟବକ୍ତା ଭାବେ ଆୟକର ବିଭାଗର ଓକିଲ ରୁଚିର କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ଓଡ଼ିଆ ଅଧ୍ୟାପିକା ମଞ୍ଜୁପ୍ରଭା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଭବିଷ୍ୟତରେ ଶିଶୁଟିଏ କିପରି ଉତ୍ତମ ନାଗରିକ ହୋଇ ଦେଶ ତଥା ଜାତିର ନାମ ଉଜ୍ଜ୍ୱଳ କରିପାରିବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ସଚିନ ଗୁରୁଜୀ ସଭା ସଂଯୋଜନା କରିଥିଲେ। ଅନୁଷ୍ଠାନ ସମ୍ପାଦକ ସୁମନ୍ତ କୁମାର ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଧାନ ଆଚାର୍ଯ୍ୟ ସୁକାନ୍ତ କୁମାର ବିଶ୍ୱାଳ ବାର୍ଷିକ ବିବରଣୀପାଠ କରିଥିଲେ। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଗୁରୁମା ଓ ଗୁରୁଜୀ ସହଯୋଗ କରିଥିଲେ। ଆଚାର୍ଯ୍ୟା ମଞ୍ଜୁବାଳା ପାତ୍ର ଧନ୍ୟବାଦ ଦେଇଥିଲେ।



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

# ବିଦ୍ୟା ବିନୟ, ସଂସ୍କାର ଦେଇଥାଏ

**ମାଧପୁର,୪।୨**

ଆଠମଲ୍ଲିକ ବ୍ଲକ ମାଧପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦେବରାଜ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧ୍ରୁବ ଚରଣ ଘିୱାଲା, ମୁଖ୍ୟବକ୍ତା ଭାବେ ବୀରାମହାରାଜପୁର କଲେଜର ଇତିହାସ ବିଭାଗ ଅଧ୍ୟାପକ ଡ. ହିମାଂଶୁ ଶେଖର ପାଢ଼ୀ ଯୋଗ ଦେଇ ବିଦ୍ୟା ବିନୟ, ସଂସ୍କାର ଦେଇଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ମାଧପୁର ସରପଞ୍ଚ ଗଣେଶ୍ୱର ଜେନା ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ଜୟନ୍ତ ମହାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ ଶରତ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ହିମାଂଶୁ ପ୍ରଧାନ, ନବପ୍ରଧାନ, ହରମୋହନ ପ୍ରଧାନ, ବସନ୍ତ ବିଶ୍ୱାଳ, ଶିକ୍ଷୟିତ୍ରୀ ରମାବତୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

# ଶିଶୁ ମନ୍ଦିର ବାର୍ଷିକ ଉତ୍ସବ

**ଆଠମଲ୍ଲିକ, ୪।୨(ଡି.ଏନ.ଏ.)**

ଆଠମଲ୍ଲିକ ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠମଲ୍ଲିକ ବିଧାୟକଙ୍କ ସ୍ତ୍ରୀ ଲିନା ସାଏ ମୁଖ୍ୟଅତିଥି, ପ୍ରଫେସର ଡ. ସଦାଶିବ ପ୍ରଧାନ ମୁଖ୍ୟବକ୍ତା, ସହକାରୀ ଜିଲାପାଳ ନାରାୟଣ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରୁଦ୍ରମୋହନ ହୋତା ସ୍କୁଲ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ବିଦ୍ୟାଳୟ ସମ୍ପାଦକ ବିରଞ୍ଚି କୁମାର ଦେହୁରୀ, ସଭାପତି ଡ. ନନ୍ଦ କିଶୋର ମହାକୁଡ ମଞ୍ଚାସୀନ ଥିଲେ। ପୂର୍ବ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।




# ମନ୍ଦିର, ମସ୍‌ଜିଦ ବୁଲିଲେ ଛାତ୍ରୀଛାତ୍ର

**ଅନୁଗୋଳ ଅଫିସ୍, ୪।୨**

ଅନୁଗୋଳସ୍ଥିତ ଆଦର୍ଶ ଇଣ୍ଟରନ୍ୟାଶନାଲ ସ୍କୁଲର ଅଧ୍ୟକ୍ଷ ଡ. ମହେଶ ଚନ୍ଦ୍ର ଧଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଶିକ୍ଷାଭିତ୍ତିକ ଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନର୍ସରୀ ଓ ଲୋୟର କେଜି ଛାତ୍ରୀଛାତ୍ରମାନେ ଶୈଳଶ୍ରୀକ୍ଷେତ୍ରଠାରେ ପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିର ପରିଦର୍ଶନ କରିଥିଲେ। ସୁନାଶଗଡ଼ ପାହାଡ଼ ଉପରେ ଅବସ୍ଥିତ ଏହି ମନ୍ଦିର ଛୋଟ ଛୋଟ ପିଲାମାନଙ୍କ ପାଇଁ ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ମନ୍ଦିର ପୂଜାରୀଙ୍କ ତତ୍ତ୍ୱାବଧାନରେ ଅରୁଣସ୍ତମ୍ଭ, ବାଇଶି ପାହାଚ, ରତ୍ନସିଂହାସନ, ଅନ୍ନପ୍ରସାଦ ସେବନ ଗୃହ, ଲକ୍ଷ୍ମୀ ମନ୍ଦିର, ବିମଳା ମନ୍ଦିର ଓ ପାର୍ଶ୍ୱଦେବତାମାନଙ୍କ ସମ୍ବନ୍ଧରେ ପୌରାଣିକ ଜ୍ଞାନ ଆହରଣ କରିବା ସହିତ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ମୋଟ୍ ୮୦ ଛାତ୍ରୀଛାତ୍ର ପରିଦର୍ଶନରେ ଯାଇଥିବାବେଳେ ଅନୁଷ୍ଠାନର ନିର୍ଦ୍ଦେଶିକା ବନଜ୍ୟୋସ୍ନା ସିଂ, ଶିକ୍ଷକ ଅଜୟ କୁମାର ଦାସ, ଶିକ୍ଷୟିତ୍ରୀ ରେଣୁବାଳା ପଟ୍ଟନାୟକ, ସ୍ମୃତିସ୍ନିଗ୍ଧା ସାହୁ, କବିତା ସାହୁ, ସ୍ମୃତିସ୍ନିଗ୍ଧା ଦାସ, ଅମୀତା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଅନୁଗୋଳ ମହିଳା ମହାବିଦ୍ୟାଳୟ ନିକଟରେ ଥିବା ମସ୍‌ଜିଦ୍ ଓ ଶିମିଳିପଡ଼ାରେ ଥିବା ଖ୍ରୀଷ୍ଟିୟାନ ଧର୍ମାବଲମ୍ବୀମାନଙ୍କ ପବିତ୍ର ଅନୁଷ୍ଠାନ ପରିଭ୍ରମଣ କରିଥିଲେ।



ଆଦର୍ଶ ଇଣ୍ଟରନ୍ୟାଶନାଲ ସ୍କୁଲ ଛାତ୍ରୀଛାତ୍ର ମନ୍ଦିର ପରିଦର୍ଶନ କରୁଛନ୍ତି।

# ବନ୍ଦୋବସ୍ତ ରେକର୍ଡ ସଂଶୋଧନ ପାଇଁ ଦାବିପତ୍ର

**ଅନୁଗୋଳ ଅଫିସ୍, ୪।୨**

ଅନୁଗୋଳ ଜିଲା ବଅଁରପାଳ ତହସିଲ ଜମିଜମା ବନ୍ଦୋବସ୍ତ ରେକର୍ଡ ସଂଶୋଧନ ପାଇଁ ମଙ୍ଗଳବାର ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବଅଁରପାଳ ତହସିଲ ଅନ୍ତର୍ଭୁକ୍ତ ତୁବେ, ସାନ୍ତରାପୁର, ଜରଡା, ବଡହିଂସର, କଞ୍ଚୁରା, ବଡକେରଜାଙ୍ଗ ଓ ସାନକେରଜାଙ୍ଗ ଆଦି ୭ଟି ପଞ୍ଚାୟତ ଅଞ୍ଚଳରେ ଜମିଜମା ବନ୍ଦୋବସ୍ତ ପାଇଁ କିଛି ବର୍ଷ ପୂର୍ବେ ବିଭିନ୍ନ ସ୍ଥାନରେ କ୍ୟାମ୍ପମାନ ଖୋଲାଯାଇଥିଲା। ପ୍ରାୟ ସବୁ ମୌଜାରେ ଅମିନମାନେ ବିଭିନ୍ନ କାମ ଶେଷ କରିଥିଲେ। କେବଳ ଫାଇନାଲ୍ (ରେଣ୍ଟ) କ୍ୟାମ୍ପ ବାକି ରହିଥିଲା। କିନ୍ତୁ ହଠାତ୍ ଏହି ଅଞ୍ଚଳର ସବୁ ବଡ ବଡ ମୌଜାଗୁଡିକୁ ଛାଡି ଛୋଟ ଛୋଟ ମୌଜାଗୁଡିକ ତରବରିଆ ଭାବେ ବନ୍ଦୋବସ୍ତ ବିଧିରୀତିକୁ ପାଳନ ନ କରି ସମୂହ ଲୋକଙ୍କ ବିନା ଅବଗତିରେ କରାଯାଇଥିଲା। ଏପରି କି ୨୦୧୨-୧୩ରେ ପଟ୍ଟା ମଧ୍ୟ ଦିଆଯାଇଥିଲା। ଫଳରେ ଜନସାଧାରଣ ପୂର୍ବ କ୍ୟାମ୍ପର ରେକର୍ଡପତ୍ର ରେଣ୍ଟ କ୍ୟାମ୍ପରେ ମେଳ କରିବାକୁ ସୁଯୋଗ ପାଇ ନ ଥିବାରୁ ଉକ୍ତ ପଟ୍ଟାରେ ଅନେକ ଭୁଲ ରହିଥିବା ଅଭିଯୋଗ ହୋଇଛି। ଅନେକ ଜମିର ଛୋଟ ବଡ ନକ୍ସା ମଧ୍ୟ ମେଳ ଖାଉନାହିଁ। କେଉଁ ବ୍ୟକ୍ତିର ଜମି କମିଯାଇଛି ତ କାହାର ଅଧିକ ହୋଇଯାଇଛି। ବିଶେଷ କରି ବିଗତ ଖର୍ଦ୍ଦି ବିକ୍ରି ରେଜେଷ୍ଟ୍ରି ଦଲିଲ୍ ଗୁଡିକ କାର୍ଯ୍ୟକାରୀ ହୋଇପାରି ନାହିଁ। ତେଣୁ ରେକର୍ଡ କବଲା ଗୁଡିକ ଖର୍ଦ୍ଦିଦାରଙ୍କ ନାମରେ ରେକର୍ଡଭୁକ୍ତ କରିବାକୁ ଦାବିକରି ସୁବାସ ପ୍ରଧାନ, ମାନସ ପାଳଙ୍କ ସମେତ କ୍ଷତିଗ୍ରସ୍ତ ଅଞ୍ଚଳର କୁମର ସାହୁ, ବିଭୂତି ନାୟକ, ବୃହସ୍ପତି ସାହୁ ପ୍ରମୁଖ ଉପଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅଭିଯୋଗ ଉପରେ ସ୍ଥାନୀୟ ତହସିଲଦାରଙ୍କ ଦ୍ୱାରା ଅନୁସନ୍ଧାନ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ବାସୁଦେବ ଶତପଥୀ ପ୍ରତିଶ୍ରୁତି ଦେଇଛନ୍ତି।



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ଶାଗୁଆନ କାଠ ଜବତ, ୨ ଅଟକ



ଛେଣ୍ଡିପଦା,୪।୨(ସ୍ୱ.ପ୍ର.)
ଛେଣ୍ଡିପଦା ବନାଞ୍ଚଳ କୋରଡ଼ା ଗ୍ରାମରେ ମଙ୍ଗଳବାର ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ଶାଗୁଆନ ଓ ଶାଳ କାଠ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ୨ ଜଣଙ୍କୁ ଅଟକ ରଖାଯାଇଛି। ପ୍ରକାଶ ଯେ, କୋରଡ଼ା ଗ୍ରାମର ଜଣେ ବ୍ୟବସାୟୀ ବିପୁଳ ପରିମାଣର ମୂଲ୍ୟବାନ ଗଛ ଜଙ୍ଗଲରୁ ବେଆଇନ ଭାବେ କାଟି ଗ୍ରାମ ବିଦ୍ୟାଳୟ ନିକଟସ୍ଥ ଏକ ବାଉଁଶ ବଣ ଭିତରେ ତାହାକୁ ଚିରାଉଥିଲେ। ଖବରପାଇ ବନବିଭାଗ କର୍ମଚାରୀମାନେ ସେଠାରେ ଚଢ଼ାଉ କରି କାଠ ଜବତ କରିବା ସହ ତାହାକୁ ଦୁଇଟି ଟ୍ରାକ୍ଟରରେ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିଲେ। ଏହି ବେଆଇନ କାରବାରର ମୁଖ୍ୟ ଅଭିଯୁକ୍ତ ବନବିଭାଗ କର୍ମଚାରୀଙ୍କୁ ଦେଖି ଫେରାର ହୋଇଯାଇଥିବା ଜଣାପଡ଼ିଛି।

### ପ୍ରଧାନମନ୍ତ୍ରୀ ଉର୍ଜାଗଙ୍ଗା ପାଇପ୍ ଲାଇନ ନେଇ ସଚେତନତା

ଛେଣ୍ଡିପଦା,୪।୨(ସ୍ୱ.ପ୍ର.)-ଛେଣ୍ଡିପଦା ବ୍ଲକର ବିଭିନ୍ନ ଗ୍ରାମରେ ଗେଲ ଇଣ୍ଡିଆ ପକ୍ଷରୁ ପ୍ରଧାନମନ୍ତ୍ରୀ ଉର୍ଜାଗଙ୍ଗା ପାଇପ ଲାଇନ ସମ୍ପର୍କିତ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ଲକର ପରଙ୍ଗ, ବାଲିଚନ୍ଦ୍ରପୁର, ଶିମିଳିସାହି, କୁଦପାଳ ଏବଂ ରାଇଝରଣ ଗ୍ରାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସରପଞ୍ଚ, ୱାର୍ଡ ସଭ୍ୟ ଏବଂ ଜନସାଧାରଣଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗେଲ ଇଣ୍ଡିଆର ସୁପରଭାଇଜର ଅଶୋକ ବେହେରା ଉପସ୍ଥିତ ରହି ଗ୍ରାମବାସୀଙ୍କୁ ସିଏନ୍‌ଜି ଗ୍ୟାସ୍‌ର ଉପକାରିତା ସମ୍ପର୍କରେ ବୁଝାଇ ଥିଲେ। ସିଏନ୍‌ଜି ଗ୍ୟାସ୍ ବ୍ୟବହାର କରିବା ଦ୍ୱାରା ବାୟୁ ପ୍ରଦୂଷଣ ରୋକିବା ସହିତ ଇନ୍ଧନ ମଧ କମ୍ ମୂଲ୍ୟରେ ମିଳିଥାଏ। ଏପରିକି ପ୍ରଧାନମନ୍ତ୍ରୀ ଉର୍ଜା ଗଙ୍ଗା ପାଇପ୍ ଲାଇନ ପ୍ରକଳ୍ପ ଏକ ପ୍ରଦୂଷଣ ମୁକ୍ତ ଭାରତ ଗଠନରେ ସହାୟକ ହେବ ବୋଲି ସୁପରଭାଇଜର ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ।

# ଡାକ୍ତରଖାନା ପରିଦର୍ଶନ, ଉନ୍ନୟନ କାର୍ଯ୍ୟ ସମୀକ୍ଷା

**ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ କମିଶନରଙ୍କ ପାଲଲହଡା ଗସ୍ତ**

ପାଲଲହଡା,୪।୨(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ କମିଶନର ତଥା ସଚିବ ଭାସ୍କର ଜ୍ୟୋତି ଶର୍ମା ଦିନିକିଆ ପାଲଲହଡା ଗସ୍ତରେ ଆସି ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ ସହ ବିଭିନ୍ନ ଗ୍ରାମକୁ ଯାଇ ଉନ୍ନୟନ କାର୍ଯ୍ୟ ବୁଲି ଦେଖିଛନ୍ତି। ପ୍ରଥମେ ପାଲଲହଡା ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ନିରାମୟ ଯୋଜନା ସମ୍ପର୍କରେ କମିଶନର ପଚାରି ବୁଝିବା ସହ ସବୁ ୱାର୍ଡ ବୁଲି ଦେଖିଥିଲେ। ପରେ ରୋଗୀ ଏବଂ ଉପଖଣ୍ଡ ଚିକିତ୍ସା ଅଧିକାରୀ ଜୟକୃଷ୍ଣ ନାୟକଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ମୁକ୍ତାପୁର ଗ୍ରାମକୁ ଯାଇ ଅଙ୍ଗନୱାଡି କେନ୍ଦ୍ର, ଶିଶୁଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ଯାଞ୍ଚ କରିଥିଲେ। ସେହିପରି ମାଲ୍ୟଗିରି ସରକାରୀ ଉଚ୍ଚ ବିଦ୍ୟାଳୟକୁ ଯାଇ ସେଠାକାର ଅନ୍ତେବାସୀଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟାଳୟ ବୁଲି ଦେଖିଲା ପରେ ଡାଲ ଗ୍ରାମରେ ଥିବା ପାଉଡି ଭୂୟାଁ ଉନ୍ନୟନ ସଂସ୍ଥା (ପିବିଡିଏ)ର ଓପିଲିପି ଯୋଜନାରେ ଚାଷୀଙ୍କ ପକ୍ଷରୁ କରାଯାଇଥିବା କଦଳୀ ଚାଷ ଦେଖିବା ସହ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ସେଠାରୁ ଶିମିଳିପାଳ ଏବଂ ପେଚାମୁଣ୍ଡି ଗ୍ରାମକୁ ଯାଇ ଏଲଆଇ ପଏଣ୍ଟ ଏବଂ ସୌଭାଗ୍ୟ ଯୋଜନାରେ ଯୋଗାଇ ଦିଆଯାଇଥିବା ବିଦ୍ୟୁତ୍ ସଂଯୋଗ ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଅପରାହ୍ନରେ କମିଶନର ପେଣ୍ଡେରାବସା ଗ୍ରାମରେ ପହଞ୍ଚି ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଭିନ୍ନକ୍ଷମମାନଙ୍କ ପାଇଁ ହେବାକୁ ଥିବା ପ୍ରସ୍ତାବିତ ଆବାସିକ ଭୋକେଶନାଲ ଟ୍ରେନିଂ ସେଣ୍ଟରର ଜମି ବୁଲି ଦେଖିଥିଲେ। ପରେ ଖମାରର ଏକ ଛତୁଆ ପ୍ରସ୍ତୁତ କେନ୍ଦ୍ର ଏବଂ ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ର ପରିଦର୍ଶନ କରି ଅନୁଗୋଳ ଫେରି ଯାଇଥିଲେ। ଏହି କାର୍ଯ୍ୟକ୍ରମରେ ପାଲଲହଡା ଉପଜିଲାପାଳ ଅଜିତ କୁମାର ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଯୋଗାଣ ନିରୀକ୍ଷକ ପିଣ୍ଟୁ ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମାଧବ ଚନ୍ଦ୍ର ବରାଡ଼, ଜିଲା ମଙ୍ଗଳ ଅଧିକାରୀ ଚାରୁଲତା ମଲ୍ଲିକ, ବିଡିଓ ରବିନାରାୟଣ ମାଝି, ତହସିଲଦାର ସ୍ୱାଗତ ଦାସ, ଭାରପ୍ରାପ୍ତ ପିବିଡିଏ ସ୍ୱତନ୍ତ୍ର ଅଧିକାରୀ ତଥା ଅତିରିକ୍ତ ତହସିଲଦାର ସୁମନ ମିଞ୍ଜ, ଅତିରିକ୍ତ ବିଡିଓ ଏସ. ଲଲାଟେନ୍ଦୁ ନୈବେଦ୍ୟଙ୍କ ପ୍ରମୁଖ ବହୁ ଅଧିକାରୀ ସାମିଲ ଥିଲେ।



ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ କମିଶନର ମୁକ୍ତାପୁର ଗ୍ରାମ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରୁଛନ୍ତି।

# ଶିଶୁଙ୍କ ବୌଦ୍ଧିକ ବିକାଶ ଉପରେ ଗୁରୁତ୍ୱ



ଉତ୍ସବରେ ବିଧାୟକ ସାଏଙ୍କ ସମେତ ଅନ୍ୟମାନେ।

ବଇଣ୍ଡା,୪।୨(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ସୁରେଶଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେଡି ନେତ୍ରୀ ଲିନା ସାଏ, ସ୍ୱତନ୍ତ୍ର ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ମୁଖ୍ୟବକ୍ତା ଭାବେ ବ୍ୟଙ୍ଗ କବି ଜ୍ଞାନ ହୋତା, ସମ୍ମାନିତ ଅତିଥି ବାବା ସତ୍ୟାନନ୍ଦ ଦାଶ, ଠାକୁରଗଡ଼ ସରପଞ୍ଚ ପ୍ରତାପ କୁମାର ସାହୁ ଯୋଗଦେଇଥିଲେ। ଶିଶୁମାନଙ୍କ ବୌଦ୍ଧିକ ବିକାଶ ଓ ଚରିତ୍ର ଗଠନ ଉପରେ ଅଭିଭାବକମାନେ ଅଧିକ ଗୁରୁତ୍ୱ ଦିଅନ୍ତୁ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ କୁମାର ସାହୁ ଅତିଥି ପରିଚୟ ଦେଇଥିବାବେଳେ ସମ୍ପାଦକ ପ୍ରାଣବନ୍ଧୁ ସାହୁ ବିବରଣୀ ପାଠ କରିଥିଲେ। ଗଜାନନ ସାହୁ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କଠିନ ପରିଶ୍ରମ ଶୀର୍ଷରେ ପହଞ୍ଚାଇବ



କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ବଇଣ୍ଡା,୪।୨(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ପାଇକସାହି ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାଗୁଣି ଚରଣ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଜେଡି ନେତ୍ରୀ ଲିନା ସାଏ, ମୁଖ୍ୟବକ୍ତା ଭାବେ ବଇଣ୍ଡା କଲେଜ ଅଧ୍ୟାପକ ନିରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରମାରଞ୍ଜନ ତ୍ରିପାଠୀ ଯୋଗଦେଇ କଠିନ ପରିଶ୍ରମ କଲେ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚି ହେବ ବୋଲି ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ମୁକୁଳା ମଞ୍ଜରୀ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ପାଦକ ବିଜୟ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ସହ ସମ୍ପାଦକ ରବିନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ।

# ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର

ବଇଣ୍ଡା,୪।୨(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ସ୍ଥିତ ଯୁକ୍ତ ୨ ଷୋଳପଦା କଲେଜଠାରେ ସୋମବାର ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧକ୍ଷ ନିରଜକାନ୍ତ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସଂଯୋଜିକା ସ୍ନେହଲତା ପ୍ରଧାନ, ଅଧ୍ୟାପକ ସନ୍ତୋଷ କୁମାର ପ୍ରଧାନ, ସୋମନାଥ ଗଡ଼ନାୟକ, ପଞ୍ଚାନନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ୬୦ ଜଣ ଛାତ୍ରୀ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ। ବଇଣ୍ଡା କଲେଜ ଛାତ୍ରୀ ସ୍ମୃତିରାଣୀ ବିଶୋଇ ଯୋଗଦେଇ ଛାତ୍ରୀମାନେ କିଭଳି ସୁରକ୍ଷିତ ରହିବେ ସେଥିପ୍ରତି ସଚେତନ ରହିବା ପାଇଁ ପରାମର୍ଶ ଦେଇଥିଲେ।

# ଜବରଦଖଲ ଉଚ୍ଛେଦ ଦାବିରେ ଧାରଣା

ଛେଣ୍ଡିପଦା,୪।୨(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ କମ୍ପସଲା ପଞ୍ଚାୟତ କେନ୍ଦୁପଶି ଗ୍ରାମରେ ଥିବା ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଦାବିରେ ମଙ୍ଗଳବାର ଶତାଧିକ ଗ୍ରାମବାସୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।

ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, କମ୍ପସଲା ପଞ୍ଚାୟତ ଜଙ୍ଗଲ ମୌଜାର ଖାତା ନଂ.୧୦୯ର ପ୍ଲଟ ନଂ. ୧୨୦୯, ୧୨୧୧, ୧୨୧୩କୁ କେନ୍ଦୁପଶି ଗ୍ରାମର ଯୁବ ଖେଳାଳିମାନେ ଦୀର୍ଘଦିନ ହେବ ଖେଳପଡିଆ ଭାବେ ବ୍ୟବହାର କରିଆସୁଥିଲେ। ତେବେ ଏହି ପଡିଆକୁ ଗ୍ରାମର ୪ଜଣ ପ୍ରଭାଶାଳୀ ବ୍ୟକ୍ତି ଜବରଦଖଲ କରିଥିବା ନେଇ ବହୁବାର ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲା। ହେଲେ କୌଣସି ସୁଫଳ ନ ମିଳିବାରୁ ଗ୍ରାମ ସଭାପତି କରୁଣାକର ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଛେଣ୍ଡିପଦା ତହସିଲଦାର ଡାନିଏଲ୍ ଏକ୍କା ଗ୍ରାମବାସୀଙ୍କ ସହିତ ଆଲୋଚନା କରିବା ସହ ଆସନ୍ତା ୧୧ ତାରିଖରେ ଉକ୍ତ ସରକାରୀ ଜମିକୁ ଚିହ୍ନଟ କରି ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଗ୍ରାମବାସୀ ଧାରଣାରୁ ଓହରିଥିଲେ।



ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ଧାରଣାରେ ବସିଛନ୍ତି।

# ଶ୍ରୀମତୀ ବଦ୍ରାଙ୍କୁ ସମ୍ବର୍ଦ୍ଧନା

ତାଳଚେର,୪।୨(ନି.ପ୍ର.)

କୁନି ବୟସରେ ଅଦମ୍ୟ ସାହସ ଦେଖାଇ ଟ୍ରେନ୍ ତଳୁ ସହପାଠୀଙ୍କ ଜୀବନ ବଞ୍ଚାଇ ଜାତୀୟସ୍ତରରେ ପ୍ରହ୍ଲାଦ ସମ୍ମାନ ୨୦୧୯ ପାଇପାରିଥିବା ତାଳଚେର ମାଟିର ଗର୍ବ ଓ ଗୌରବ ଶ୍ରୀମତୀ ବଦ୍ରାଙ୍କୁ ତାଳଚେର ଉପଖଣ୍ଡ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଜାତୀୟ ପୁରସ୍କାର ପାଇ ସେ ଦିଲ୍ଲୀରୁ ଫେରିବା ପରେ ଉପଖଣ୍ଡ ପ୍ରଶାସନ ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛି। ଏହି ସମ୍ବର୍ଦ୍ଧନା ସଭାରେ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ତାଳଚେର ଆଇଆଇସି ସତ୍ୟବ୍ରତ ରାଉତ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ସାମାଜିକ କର୍ମୀ କ୍ଷୀରୋଦ ସାହୁ, ହାଣ୍ଡିଧୂଆଁ ନୋଡାଲ ଉଚ୍ଚବିଦ୍ୟାଳୟର ଉମେଶ ଚନ୍ଦ୍ର ମିଶ୍ର, ଦିନବନ୍ଧୁ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



ଉପଖଣ୍ଡ ପ୍ରଶାସନ ପକ୍ଷରୁ ଶ୍ରୀମତୀ ବଦ୍ରାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବେଆଇନ ବାଲି ଚାଲାଣ, ଜରିମାନା ଆଦାୟ

କଣିହାଁ,୪।୨(ଡି.ଏନ.ଏ.)

ସମାକୋଇ ନଦୀରୁ ବେଆଇନ ବାଲି ଚାଲାଣ ଅଭିଯୋଗକୁ ନେଇ ମଙ୍ଗଳବାର କଣିହାଁ ଅତିରିକ୍ତ ତହସିଲଦାର ରବୀନ୍ଦ୍ର ସାମଲ ଚଢ଼ାଉ କରି ୨ଟି ଟ୍ରାକ୍ଟରକୁ ଜବତ କରିଥିଲେ।
ଏ ନେଇ ଅତିରିକ୍ତ ତହସିଲଦାର ରବୀନ୍ଦ୍ର ସାମଲ କହିଛନ୍ତି, ୨ଟି ଟ୍ରାକ୍ଟର ଜବତ ହୋଇଥିଲା। ବାଲିଚାଲାଣ କାଗଜପତ୍ର ଦେଖାଇବା ପରେ ଗୋଟିଏକୁ ଚୁକ୍ତିନାମାରେ ଛଡାଯାଇଛି। ଅନ୍ୟ ଟ୍ରାକ୍ଟରଠାରୁ ୮ ହଜାର ଟଙ୍କା ଜରିମାନା ଆଦାୟ ପରେ ଛଡ଼ାଯାଇଛି। ଏହି ଚଢ଼ାଉ ଆଗକୁ ଜାରି ରହିବ।

# ଜଳସେଚନ ପ୍ରକଳ୍ପ ବୁଲି ଦେଖିଲେ ନାବାର୍ଡ ଡିଡିଏମ୍

ଆଠମଲ୍ଲିକ,୪।୨(ଡି.ଏନ.ଏ.)

ନାବାର୍ଡ ଡିଷ୍ଟ୍ରିକ୍ଟ ଡେଭଲପ୍‌ମେଣ୍ଟ ମ୍ୟାନେଜର୍ (ଡିଡିଏମ୍) ଶରତ କୁମାର ବେହେରା ମଙ୍ଗଳବାର ଆଠମଲ୍ଲିକ ବ୍ଲକ ଜିରାଡ୍ ମାଇକ୍ରୋ ଇରିଗେଶନ୍ ପ୍ରୋଜେକ୍ଟ ବୁଲି ଦେଖିଛନ୍ତି। ଏହି ଉଠାଜଳସେଚନ ପ୍ରକଳ୍ପ ପାଇଁ ଜିରାଡ୍ ଗ୍ରାମର ୨୦ ଏକରରେ ପନିପରିବା ଚାଷ ହୋଇପାରିଥିବା ବେହେରା ଦେଖିଥିଲେ। ଏହାଛଡା ସେ ଜିରାଡ୍ ନାଳର ଜଳଧାରଣ କ୍ଷମତା, ପ୍ରୋଜେକ୍ଟର ବିଦ୍ୟୁତ୍ ବ୍ୟବସ୍ଥା ମଧ ଦେଖିଥିଲେ। ପରେ ଏହି ପ୍ରୋଜେକ୍ଟ ସମ୍ପର୍କରେ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଏହି ପରିଦର୍ଶନ ବେଳେ ଉଠା ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ନରେନ୍ଦ୍ର କୁମାର ଜେନାମଣି, କନିଷ୍ଠ ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ବରାଳ ଉପସ୍ଥିତ ଥିଲେ।



ନାବାର୍ଡ ଡିଷ୍ଟ୍ରିକ୍ଟ ଡେଭଲପ୍‌ମେଣ୍ଟ ମ୍ୟାନେଜର୍ ପନିପରିବା ଚାଷ ବୁଲି ଦେଖୁଛନ୍ତି।

# ନୈତିକତା ଚରିତ୍ର ନିର୍ଦ୍ଧାରଣ କରିଥାଏ




ତାଳଚେର,୪।୨(ନି.ପ୍ର.)

ଜୁନିୟର ଚାମ୍ବର ଇଣ୍ଟରନ୍ୟାଶନାଲ (ଜେସିଆଇ) ତାଳଚେର ଶାଖା ପକ୍ଷରୁ ଜଗନ୍ନାଥ ଡିଏଭି ସ୍କୁଲରେ ନୈତିକତା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଜେସିଆଇର ଜୋନ୍ ନିର୍ଦ୍ଦେଶକ ଆଶିଷ ଅଗ୍ରୱାଲ ଯୋଗଦେଇ ନୈତିକତା କିପରି ମଣିଷର ଚରିତ୍ର ନିର୍ଦ୍ଧାରଣ କରିବାର କ୍ଷମତା ବହନ କରିଥାଏ ତାହା ଉପରେ ଅଲୋକପାତ କରିଥିଲେ। ଏହି ଅବସରରେ ସଚ୍ଚୋଟ ନାଗରିକ ହେବାକୁ ଛାତ୍ରୀଛାତ୍ରମାନଙ୍କୁ ଶପଥ ପାଠ କରାଯାଇଥିଲା। ସ୍କୁଲ ଅଧକ୍ଷା ଶୁକ୍ଲା ଚକ୍ରବର୍ତ୍ତୀ କିପରି ଏକ ଛୋଟ ଭୁଲ ମଣିଷର ସଚ୍ଚୋଟତାକୁ ମାଟିରେ ମିଶାଇ ଦିଏ ସେ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଦିଗ୍‌ଦର୍ଶନ ଦେବା ସହ ଜେସିଆଇର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କ୍ରୀଡା ଶିକ୍ଷକ ବୀରେନ୍ଦ୍ର ଦାସ ଓ ଅନ୍ୟମାନେ ପରିଚାଳନରେ ସହଯୋଗ କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ ଗିରି, ଜେସିଆଇ ତାଳଚେର ସଭାପତି ରାକେଶଗୁପ୍ତା, ଦୀପ୍ତିରଞ୍ଜନ ବିଶ୍ୱାଳ, ବାସୁଦେବ ସାହୁ, ଶୁଭ ଆଚାର୍ଯ୍ୟ, ମହେଶ ଅଗ୍ରୱାଲ, ପଲ୍ଲବୀ ଅଗ୍ରୱାଲ ଏଥିରେ ସହଯୋଗ କରିଥିଲେ।

# ମାର୍ଚ୍ଚ ୫ରୁ ମାଲ୍ୟଗିରି ମହୋତ୍ସବ

ପାଲଲହଡା,୪।୨(ଡି.ଏନ.ଏ.)

ପାଲଲହଡ଼ା ଉପଖଣ୍ଡରେ ପୁଣିଥରେ ଆରମ୍ଭ ହେବ ମାଲ୍ୟଗିରି ମହୋତ୍ସବ। ଆସନ୍ତା ମାର୍ଚ୍ଚ ୫ ରୁ ୯ ତାରିଖ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହେବ। ଏ ନେଇ ମତଗଣନା କେନ୍ଦ୍ରଠାରେ ସୋମବାର ଏକ ପ୍ରସ୍ତୁତି ବୈଠକ ଉପଜିଲାପାଳ ଅଜିତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ମୁକେଶ କୁମାର ପାଲ ଯୋଗ ଦେଇଥିଲେ। ସର୍ବସମ୍ମତି କ୍ରମେ ଚଳିତ ବର୍ଷଠାରୁ ଏହି ମହୋତ୍ସବ ପୁନର୍ବାର ଆରମ୍ଭ କରିବା ପାଇଁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା।

ମହୋତ୍ସବ ପାଇଁ ଗଠିତ କମିଟିର ସ୍ଥାୟୀ ଅଧକ୍ଷ ଦାୟିତ୍ୱ ବିଧାୟକ ପାଲ ନେଇଥିବା ବେଳେ ଉପଜିଲାପାଳ ସ୍ଥାୟୀ ଆବାହକ, ବିଡିଓ କମିଟି ସମ୍ପାଦକ କାର୍ଯ୍ୟ ତୁଲାଇବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସେହିପରି ମହୋତ୍ସବର ସୁପରିଚାଳନା ପାଇଁ ଏହି କମିଟି ଅଧୀନରେ ୮ ଗୋଟି ଉପକମିଟି କାର୍ଯ୍ୟ କରିବ ବୋଲି ସ୍ଥିର କରାଯାଇଥିଲା। ଏହି ମହୋତ୍ସବରେ ପଲ୍ଲିଶ୍ରୀ ମେଳା, କବି ସମ୍ମିଳନୀ, ଲୋକକଳା, ଆଦିବାସୀ ନୃତ୍ୟ ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଅନ୍ୟମାନଙ୍କ ମଧ୍ୟରେ ପାଲଲହଡା ରାଜା ସାହେବ ରାମଚନ୍ଦ୍ର ମୁନୀପାଳ, ବ୍ଲକ ଅଧକ୍ଷ ନବକିଶୋର ନାୟକ, ପୂର୍ବତନ ଜିଲାପରିଷଦ ଉପସଭାପତି ଗଙ୍ଗାଧର ଜିତ, ତହସିଲଦାର ସ୍ୱାଗତ ଦାସ, ଥାନା ଅଧିକାରୀ କିଶୋର ଚନ୍ଦ୍ର ସାମଲ, ସମିତିସଭ୍ୟ ଦିଲୀପ ଉଦାବଳଙ୍କ ସହ ଅଞ୍ଚଳର ବହୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



ବୈଠକରେ ବିଧାୟକଙ୍କ ସହ ଅନ୍ୟ ଅଧିକାରୀମାନେ।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ଓଡ଼ାପଡ଼ା-୯୪୩୭୦୯୩୮୨୨, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଣ୍ଟଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୯୯୩୭୯୮୦୭୦୩, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ହିନ୍ଦୋଳ କୋର୍ଟରେ ନୂଆ ସବ୍‌ଜଜ୍



**ହିନ୍ଦୋଳ, ୪।୨(ଡି.ଏନ.ଏ.)**
ହିନ୍ଦୋଳ ସିନିୟର ସିଭିଲଜଜ୍ କୋର୍ଟରେ ନୂତନ ସବ୍‌ଜଜ୍ ଭାବେ ମଙ୍ଗଳବାର ଯୋଗ ଦେଇଛନ୍ତି ଚିନ୍ମୟୀ ରଥ। ଏଠାରେ କାର୍ଯ୍ୟରତ ସବ୍‌ଜଜ୍ ସି.ଏଚ୍. ବାସୁଦେବ ପାତ୍ର ପଦୋନ୍ନତି ପାଇ ଅନୁଗୋଳ ସିଜେଏମ୍ ଭାବେ ବଦଳି ହୋଇଛନ୍ତି। ତାଙ୍କ ସ୍ଥାନରେ ସବ୍‌ଜଜ୍ ଭାବେ ଯୋଗଦେଇଛନ୍ତି ଚିନ୍ମୟୀ ରଥ। ଏଥିପୂର୍ବରୁ ସେ କେନ୍ଦୁଝରରେ କାର୍ଯ୍ୟରତ ଥିଲେ। ଏହି ଅବସରରେ ହିନ୍ଦୋଳ ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏସ୍‌ଡିଜେଏମ୍ ଦେବଶ୍ରୀ ସାହୁ ଉପସ୍ଥିତ ଥିଲେ। ସଂଘ ସଭାପତି ଅରୁଣ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଆଇନଜୀବୀ କ୍ଷୀତିଶ କୁମାର ସର ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ସଞ୍ଜୟ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବହୁ ଆଇନଜୀବୀ ଉପସ୍ଥିତ ରହି ନୂତନ ସବ୍‌ଜଜ୍‌ଙ୍କୁ ସ୍ୱାଗତ କରିଥିଲେ।

### କିଡ୍‌ନୀ ରୋଗରେ ଯୁବକ ମୃତ

**ଭୁବନ, ୪।୨(ଡି.ଏନ.ଏ.)**
ଭୁବନ ଏନ୍‌ଏସି ଅଧୀନ ଲକ୍ଷ୍ମୀଛକରେ ରହୁଥିବା ମହେଶ୍ୱର ସାହୁଙ୍କ ମଙ୍ଗଳବାର କିଡ୍‌ନୀ ରୋଗୀରେ ମୃତ୍ୟୁ ଘଟିଛି। ମହେଶ୍ୱର ମଧୁମେହରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କର କିଡ୍‌ନୀ ନଷ୍ଟ ହୋଇଯାଇଥିବା ଜଣାପଡ଼ିଥିଲା। ସେ ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ ମଧ ସୁଫଳ ମିଳି ନ ଥିଲା। ଭୁବନ ମୋଟରଯାନ ଚାଳକ ସଂଘର ବରିଷ୍ଠ କର୍ମକର୍ତ୍ତା ଭାବେ ମହେଶ୍ୱର ପରିଚିତ ଥିଲେ। ଏଥିସହ ସେ ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ତାଙ୍କ ପରଲୋକରେ ଶୋକର ଛାୟା ଖେଳିଯାଇଛି। ସନ୍ଧ୍ୟାରେ ମରଶରୀରକୁ ନଗର ପରିକ୍ରମା କରାଯିବା ପରେ ପୃଷ୍ଟି ପୋଖରୀ ନିକଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ବିଧବାଙ୍କୁ ଆକ୍ରମଣ ଅଭିଯୋଗ

**ହିନ୍ଦୋଳ, ୪।୨(ଡି.ଏନ.ଏ.)**
ହିନ୍ଦୋଳ ଥାନା ବାଉଁଶପୋଖରୀ ଗ୍ରାମରେ ଜମିବାଡ଼ିକୁ କେନ୍ଦ୍ରକରି ରବିବାର ଜଣେ ବିଧବାଙ୍କୁ ଆକ୍ରମଣ କରାଯାଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ମହିଳା ହେଲେ ରୀତା ସାହୁ (୩୬)। ରୀତା ରବିବାର ମଧ୍ୟାହ୍ନରେ ନିଜ ଜାଗାକୁ ବୁଲିବାକୁ ଯାଇଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ଅଜୟ ସାହୁ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଅଜୟଙ୍କ ବାପା ଦୈତାରୀ ସାହୁ ଏବଂ ଭାଇ ମୁନା ପହଞ୍ଚି ମାରପିଟ କରିଥିବା ଏତଲାରେ ଦର୍ଶାଯାଇଛି। ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଅଭିଯୋଗକାରିଣୀ ଦାବି କରିଛନ୍ତି। ଏ ନେଇ ଥାନାଧିକାରୀ ଅନାଦି ଚରଣ ପଟ୍ଟାୟତ କୁହନ୍ତି, ଏହି ଘଟଣାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ତଦନ୍ତ ପରେ ଆବଶ୍ୟକ ପଦକ୍ଷେପ ନିଆଯିବ।

### ବାଇକ୍‌ରୁ ଖସିପଡ଼ି ଦମ୍ପତି ଗୁରୁତର

**ପରଜଙ୍ଗ, ୪।୨(ଡି.ଏନ.ଏ.)**
ପରଜଙ୍ଗ ଥାନା ଭାଲୁମୁଣ୍ଡା ଛକ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ସାଆନ୍ଦା ଗ୍ରାମର ଦୁଷ୍ମନ୍ତ ନାୟକ ଏବଂ ତାଙ୍କ ସ୍ତ୍ରୀ ସୁଜାତା ଗୁରୁତର ହୋଇଛନ୍ତି। ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ସହାୟତାରେ ପ୍ରଥମେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସୁଜାତାଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁହେଁ କୌଣସି କାର୍ଯ୍ୟରେ ଯାଉଥିବାବେଳେ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### ଝାମ୍ପିନେଲେ ସୁନା ଚେନ୍

**ଢେଙ୍କାନାଳ ଅଫିସ, ୪।୨:**
ଢେଙ୍କାନାଳ କୁଞ୍ଜକାନ୍ତ ପୋଖରୀ ନିକଟରୁ ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ମହିଳା ଜଣକ ଚାଲି ଚାଲି ଆସୁଥିବା ବେଳେ ୨ଜଣ ଯୁବକ ଏକ ବାଇକ୍‌ରେ ଆସି ତାଙ୍କ ବେକରୁ ସୁନାଚେନ୍ ଝାମ୍ପି ପଳାଇଥିଲେ। ସୂଚନା ପାଇ ପୋଲିସ ତଦନ୍ତ ଆରମ୍ଭ କରିଛି।

# ବେଆଇନ ଇଟାଭାଟିରେ ବୁଲିଲା ଜେସିବି

**ପରଜଙ୍ଗ, ୪।୨ (ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ପ୍ରଶାସନ ପକ୍ଷରୁ କୁଆଲୋ ରାଜସ୍ୱ ସର୍କଲରେ ଗଢ଼ିଉଠିଥିବା ବେଆଇନ ଇଟାଭାଟି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପରିବେଶ ନିୟମ ଉଲ୍ଲଂଘନ କରି ବ୍ରାହ୍ମଣୀ ନଦୀ ଅବବାହିକାରେ ଥିବା ଉକ୍ତ ଇଟାଭାଟି ଉପରେ ମଙ୍ଗଳବାର ବୁଲିଛି ଜେସିବି। ଏଥିସହ ଜଟିଆ ଗ୍ରାମର ୧୨ଜଣ ଇଟାଭାଟି ମାଲିକଙ୍କଠାରୁ ପ୍ରଥମ କିସ୍ତିରେ ୩ ଲକ୍ଷ ୮୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଅବଶିଷ୍ଟ ଟଙ୍କା ୭ଦିନ ମଧ୍ୟରେ ତହସିଲ କାର୍ଯ୍ୟାଳୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଦିନରେ ଚଢ଼ାଉକୁ ବ୍ୟାପକ କରାଯିବ ବୋଲି ତହସିଲଦାର ଜୟନ୍ତ କୁମାର ଜୟସିଂ ସୂଚନା ଦେଇଛନ୍ତି।

କୁଆଲୋ ରାଜସ୍ୱ ସର୍କଲ ଅଧୀନରେ ବ୍ୟାପକ ପରିମାଣର ବେଆଇନ ଇଟା ଭାଟି ଗଢ଼ିଉଠିଛି। ଜଟିଆ, ଖାଲପାଳ ଗ୍ରାମ ପାର୍ଶ୍ୱରେ ପ୍ରବାହିତ ବ୍ରାହ୍ମଣୀ ନଦୀ ଅବବାହିକାରେ ଏପରି ଶତାଧିକ ଇଟାଭାଟି ପରିବେଶକୁ ପ୍ରଦୂଷିତ କରୁଛି। ନଦୀ କୂଳରୁ ମାଟି ହାଣି ଇଟା ପ୍ରସ୍ତୁତ କରାଯାଉଥିବା ନଦୀକୂଳିଆ ଗ୍ରାମଗୁଡ଼ିକ ପ୍ରତି ବିପଦ ସୃଷ୍ଟି ହେଉଛି। ଏନେଇ ବାରମ୍ବାର ଅଭିଯୋଗ ପରେ ମଙ୍ଗଳବାର ତହସିଲଦାରଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ରାମକୃଷ୍ଣ ମହନ୍ତ, ସୁପରଭାଇଜର ମିନତିବାଗ ସିଂ, ବରିଷ୍ଠ କିରାଣି ସୁବ୍ରତ ସିଂ, କୁଆଲୋ ଏଆର୍‌ଆଇ ଦୀନେଶ ସିଂ ପ୍ରମୁଖ ପୋଲିସ କର୍ମଚାରୀଙ୍କ ସହ ଜଟିଆ ଗ୍ରାମ ନିକଟ ବ୍ରାହ୍ମଣୀ ନଦୀକୂଳରେ ଚଢ଼ାଉ କରିଥିଲେ।



ଇଟାକୁ ଜେସିବି ସହାୟତାରେ ନଷ୍ଟ କରାଯାଉଛି।

- ପ୍ରଶାସନର କାର୍ଯ୍ୟାନୁଷ୍ଠାନ
- ୩.୮୯ ଲକ୍ଷ ଟଙ୍କା ଜରିମାନା ଆଦାୟ
- ପୋତାଗଲା ନାଲି ପତାକା

ଏ ନେଇ ତହସିଲଦାର କୁହନ୍ତି, ତିଆରି ହୋଇଥିବା ଇଟାକୁ ଜେସିବି ସହାୟତାରେ ଭାଙ୍ଗି ଦିଆଯାଇଛି। ଗଢ଼ାଯାଇଥିବା ଇଟା ଆକଳନ କରି ଜରିମାନା ଆଦାୟ କରାଯାଇଛି। ସମ୍ପୃକ୍ତ ଅଞ୍ଚଳରେ ନାଲି ପତାକା ପୋତାଯାଇଛି। ଆଗାମୀ ଦିନରେ ଏପରି ବେଆଇନ କାର୍ଯ୍ୟରୁ ଦୂରେଇ ରହିବାକୁ ଇଟାଭାଟି ମାଲିକଙ୍କୁ ତାଗିଦ୍ କରାଯାଇଥିବା ସେ ସୂଚନା ଦେଇଛନ୍ତି।

# ପୂର୍ତ୍ତ ରାସ୍ତା କାମ ତଦାରଖ କଲେ ମନ୍ତ୍ରୀ



ରାସ୍ତା କାମ ତଦାରଖ ଅବସରରେ ମନ୍ତ୍ରୀ ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

**ଭୁବନ, ୪।୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗରଠାରୁ ଯାଜପୁର ଜିଲା ଡୁବୁରୀକୁ ଗମନାଗମନ ସୁଗମ କରିବାକୁ ରେଙ୍ଗାଳି ବାମ କେନାଲ ପାର୍ଶ୍ୱରେ ନିର୍ମାଣ ଚାଲିଛି ପୂର୍ତ୍ତ ବିଭାଗ ରାସ୍ତା। ଖଣି, ଇସ୍ପାତ ଏବଂ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କାମାକ୍ଷାନଗରଠାରେ ମଙ୍ଗଳବାର ଉକ୍ତ ରାସ୍ତାକାମର ତଦାରଖ କରିଛନ୍ତି। ୧୯ କିମି ୨୦୦ ମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ରାସ୍ତା ଲାଗି ୨୯ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ଅର୍ଥ ଯାଜପୁର ଜିଲା ଖଣିଜ ପାଣ୍ଠିରୁ ମଞ୍ଜୁର କରାଯାଇଛି। ଉକ୍ତ କାର୍ଯ୍ୟକୁ ପୂର୍ତ୍ତ ବିଭାଗ ଅନୁଧ୍ୟାନ କରୁଛି। ଏହି ରାସ୍ତା ନିର୍ମାଣ ସରିବା ପରେ କାମାକ୍ଷାନଗର, କଙ୍କଡ଼ାହାଡ଼, ଭୁବନ ବ୍ଲକ ସମେତ ସୀମାନ୍ତ ଯାଜପୁର ଜିଲାବାସୀ ଉପକୃତ ହେବେ।

ମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ, ଢେଙ୍କାନାଳ ଜିଲା ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, କାମାକ୍ଷାନଗର ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଉପ ନିର୍ବାହୀ ଯନ୍ତ୍ରୀ ପ୍ରତାପ ହରିପାଲ, ସହକାରୀ ଯନ୍ତ୍ରୀ ଅଚ୍ୟୁତାନନ୍ଦ ମଲ୍ଲିକଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ନିଜ ପ୍ରତିକ୍ରିୟାରେ କହିଛନ୍ତି, ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେଲେ କାମାକ୍ଷାନଗର ଉପଖଣ୍ଡ ଅଞ୍ଚଳବାସୀଙ୍କ ବ୍ୟବସାୟିକ ଉନ୍ନତି ହୋଇପାରିବ। କୃଷି ଏବଂ କୃଷକମାନଙ୍କ ଆର୍ଥିକ ମାନଦଣ୍ଡ ବିକାଶରେ ଏହି ରାସ୍ତା ପ୍ରମୁଖ ଭୂମିକା ଗ୍ରହଣ କରିବ। ରାସ୍ତା କାର୍ଯ୍ୟ ଉନ୍ନତମାନର ହୋଇଛି। ଏଥିପାଇଁ ମନ୍ତ୍ରୀ ବିଭାଗୀୟ ଅଧିକାରୀ ଏବଂ ଜିଲାପାଳଙ୍କୁ ପ୍ରଶଂସା କରିଥିଲେ।

# ପ୍ରତୀକ ଧାରଣା ପରେ କାମ ଆରମ୍ଭ

**ପରଜଙ୍ଗ, ୪।୨(ଡି.ଏନ.ଏ.)**

ଗ୍ରାମୀଣ ଆବାସ ଯୋଜନାରେ ଅନିୟମିତତା, ଦୁର୍ନୀତିକୁ ନେଇ ଦୁର୍ନାମ ମୁଣ୍ଡାଇଛି ଢେଙ୍କାନାଳ ଜିଲାର ପରଜଙ୍ଗ ବ୍ଲକ। ଦୁର୍ନୀତି ପ୍ରମାଣିତ ହେବା ପରେ ଏଥିରେ ସମ୍ପୃକ୍ତ ଅଧିକାରୀଙ୍କ

**ଆବାସ ଲକ୍ଷ୍ୟ ପୂରଣ ପାଇଁ ପ୍ରଶାସନର ଅଭିନବ ପ୍ରତିବାଦ**

ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ହେଲେ ଏହାର ଭିନ୍ନ ଚିତ୍ର ମଧ ଦେଖିବାକୁ ମିଳିଛି। ହିତାଧିକାରୀଙ୍କୁ ଅର୍ଥ ପ୍ରଦାନ କରାଯାଇଥିଲେ ମଧ ସେମାନେ ଅବହେଳା କରି ଚାଲିଛନ୍ତି। ଫଳରେ ଆବାସ ଯୋଜନା ଲକ୍ଷ୍ୟ ଧାର୍ଯ୍ୟ ପୂରଣ ହୋଇପାରୁନାହିଁ। ଏହାକୁ ନେଇ ପ୍ରଶାସନ ଚିନ୍ତାରେ ପଡ଼ିଛି। ଏହାର ସମାଧାନ ଲାଗି ପ୍ରଶାସନିକ ଅଧିକାରୀମାନେ ପ୍ରତୀକାତ୍ମକ ଧାରଣାକୁ ବିକଳ୍ପ ଭାବେ ବାଛିଛନ୍ତି। ଏହି ପ୍ରରିପେକ୍ଷୀରେ ମଙ୍ଗଳବାର ବିଡିଓ ବସନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଜୟପୁରାକାଟେଣୀ ପଞ୍ଚାୟତର ଶୁଣ୍ଢିକାଟେଣୀ ଗ୍ରାମର ହିତାଧିକାରୀ ପୁଷ୍ପଲତା ବାରିକ, ମଳୟ ପ୍ରଧାନ, ପ୍ରଫୁଲ୍ଲ ବେହେରା, ମଳୟ ବେହେରା, ବସନ୍ତ ଡାଙ୍ଗୁଆଙ୍କ ଘର ସମ୍ମୁଖରେ ଧାରଣା ଦିଆଯାଇଥିଲା। ବିଡିଓ ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ପିଇଓ ପ୍ରତାପ ସାମଲ, ଜିଆରଏସ୍ କାଳିନ୍ଦୀ ପରିଡ଼ା ପ୍ରମୁଖ ଅନ୍ୟ ବ୍ଲକ କର୍ମଚାରୀ ପ୍ରତୀକ ଧାରଣାରେ ସାମିଲ ହୋଇଥିଲେ। ହିତାଧିକାରୀମାନେ ୩ଦିନ ମଧ୍ୟରେ ଘରକାମ ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ହିତାଧିକାରୀଙ୍କ ମଧ୍ୟରୁ ପୁଷ୍ପାଞ୍ଜଳି ବାରିକ କାମ ଆରମ୍ଭ କରିଥିବା ଜଣାପଡ଼ିଛି। ଶୁଣ୍ଢିକାଟେଣି ଗ୍ରାମରେ ୨୮ ଜଣ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ ୫ ଜଣ କାମ ଆରମ୍ଭ କରି ନ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଏ ନେଇ ବିଡିଓ କୁହନ୍ତି, ବ୍ଲକର ଅନେକ ହିତାଧିକାରୀ କାର୍ଯ୍ୟାଦେଶ ପାଇଥିଲେ ସୁଦ୍ଧା କାମ ଆରମ୍ଭ କରୁନାହାନ୍ତି। ଆଗାମୀ ଦିନରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସାବାଡ୍ କରିବାକୁ ସେମାନଙ୍କ ଘର ଆଗରେ ପ୍ରତୀକାତ୍ମକ ଧାରଣା ଦିଆଯିବ।



ଜଣେ ହିତାଧିକାରୀ ଘର କାମ ଆରମ୍ଭ କରିଛନ୍ତି।

## କଳାପାଟ ସଂରକ୍ଷିତ ଜଙ୍ଗଲରୁ କାଠ ଜବତ, ୩ ଗିରଫ

**ତେଲକୋଇ, ୪।୨(ଡି.ଏନ.ଏ.)**

ତେଲକୋଇ ବନାଞ୍ଚଳ ଅଧୀନ କଳାପାଟ ସଂରକ୍ଷିତ ଜଙ୍ଗଲରୁ ବେଆଇନ ଭାବେ କାଠ କାଟୁଥିବା ବେଳେ ବନ ବିଭାଗ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପବିତ୍ର ମହାକୁଡ (୪୦), ମଙ୍ଗଳ ହୋ (୩୮), ପାଇକରା ହୋ (୩୫)। ଅଭିଯୁକ୍ତଙ୍କ ନାମରେ ଫରେଷ୍ଟ ଆକ୍ଟ ଅନୁଯାୟୀ ଏକ ମାମଲା (ନଂ.୧୭୨/୧୯/୨୦) ରୁଜୁ କରାଯାଇଛି। ଶିବନାରାୟଣପୁର ସଂଲଗ୍ନ କଳାପାଟ ସଂରକ୍ଷିତ ଜଙ୍ଗଲରେ ମୂଲ୍ୟବାନ କାଠ କରାଯାଉଥିବା ସୂଚନା ମିଳିବାପରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଜବତ କାଠକୁ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।



ଜବତ ହୋଇଥିବା କାଠ।

# ୭୭ ୟୁନିଟ୍ ରକ୍ତ ସଂଗ୍ରହ



ଜଣେ ସ୍ୱେଚ୍ଛାସେବୀଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

**ଢେଙ୍କାନାଳ ଅଫିସ, ୪।୨**

ଢେଙ୍କାନାଳର ଅଗ୍ରଣୀ ଯୁବ ଅନୁଷ୍ଠାନ ବଜରଙ୍ଗ କ୍ଲବ୍ ବନମାଳୀପ୍ରସାଦ ଏବଂ ଆମ ସେବା ସଙ୍ଗଠନ ତରଫରୁ ରବିବାର ବନମାଳୀପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୭୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ମୁଖ୍ୟଅତିଥି ଭାବେ ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ସହକାରୀ ନିର୍ବାଚନ ଅଧିକାରୀ ଭଜନାନନ୍ଦ ସାହୁ, ବରିଷ୍ଠ ନାଗରିକ ଗୁରୁବାରୀ ପ୍ରଧାନ, ସଚ୍ଚିଦାନନ୍ଦ ସାହୁ, କୁମର ସାହୁ, ହିମାଂଶୁ ରାଉତ, କବିନାରାୟଣ ସାହୁ, ଗିରୀଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ରକ୍ତଭଣ୍ଡାର ଅଧିକାରୀ ଡା. ଜୟନାରାୟଣ ପାଢୀ, ଜିଲା ରକ୍ତଦାତା ଅନୁପ୍ରେରକ ସଂଘର ସଭାପତି ବିରଞ୍ଚି ନାରାୟଣ ପାଣି, ଡା. ପ୍ରେମାନନ୍ଦ ସାହୁ, ଟେକ୍ନିସିଆନ୍ ପରମାନନ୍ଦ ପଣ୍ଡା, ରୋହିତ ଦାସ ପ୍ରମୁଖ ସହଯୋଗ କରିଥିଲେ। କ୍ଲବ୍ ସଭାପତି ସର୍ବଜିତ୍ ବିଶ୍ୱାଳ, ସମ୍ପାଦକ ରାକେଶ ରାଉତ, ରାଜନ୍ ରାଉତ, ସୂର୍ଯ୍ୟକାନ୍ତ ରାଉତ, ରଞ୍ଜନ ସାହୁ, ଆମ ସେବା ସଙ୍ଗଠନ ସଭାପତି ସୂର୍ଯ୍ୟପ୍ରତାପ ରାଉତ, କାର୍ଯ୍ୟକାରୀ ସଭାପତି ସଚ୍ଚିଦାନନ୍ଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ‘ପ୍ରଗତିଶୀଳ ସମାଜ ପାଇଁ ନାଟକ ଜରୁରୀ ଉପାଦାନ’



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

**ପରଜଙ୍ଗ, ୪।୨(ଡି.ଏନ.ଏ.)**

ପରଜଙ୍ଗ କଲେଜ ଓଡ଼ିଆ ବିଭାଗ ପକ୍ଷରୁ ‘ଓଡ଼ିଆ ନାଟକର ଉଦ୍ଭବ ଏବଂ ବିକାଶ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ସନାତନ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଇଂଲିଶ ବିଭାଗ ଅଧ୍ୟାପକ ପ୍ରବୋଧ କୁମାର ରଥ, ସମ୍ମାନିତ ଅତିଥି ଭାବେ ବିଭାଗୀୟ ମୁଖ୍ୟ ପ୍ରସନ୍ନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଲୋକକଳାରେ ଉତ୍କର୍ଷ ଲାଗି ଏହି ଭୂଖଣ୍ଡ ଉତ୍କଳ। ଭାରତୀୟ ପ୍ରାଚୀନ କଳା ମଧ୍ୟରୁ ଏହା ଅନ୍ୟତମ। ଓଡ଼ିଆ ନାଟକର ଧାରା ଏବଂ କ୍ରମବିକାଶ ମଧ୍ୟ ଏକ ଇତିହାସ। ଅଧୁନା ନାଟକକୁ ନେଇ ପରୀକ୍ଷାନିରୀକ୍ଷା ଚାଲିଛି। ମଞ୍ଚ, ଉପସ୍ଥାପନ ଶୈଳୀ ବଦଳିଛି। ଯାହା ହେଲେ ବି ପ୍ରଗତିଶୀଳ ସମାଜ ପାଇଁ ନାଟକ ସର୍ବଦା ଏକ ଜରୁରୀ ଉପାଦାନ ହୋଇ ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ଅଞ୍ଜନ କୁମାର ମହାରଣା, ଅଧ୍ୟାପିକା ପ୍ରାଚୀପ୍ରଭା ସାଏନ୍ତ, ଦେବୀକୃପା ଦଳବେହେରା ନିଜସ୍ୱ ବକ୍ତବ୍ୟ ରଖିଥିଲେ। ବିଭାଗୀୟ ଛାତ୍ରୀଛାତ୍ର ନିଜସ୍ୱ ନିବନ୍ଧ ଉପସ୍ଥାପନ କରିଥିଲେ। ସେମିନାର ସମ୍ପାଦିକା ବନସ୍ମିତା ନାୟକ ଧନ୍ୟବାଦ ଦେଇଥିଲେ।

# ‘ଆଧ୍ୟାତ୍ମିକ ସାହିତ୍ୟ ପଥପ୍ରଦର୍ଶକ’

**ହିନ୍ଦୋଳ, ୪।୨(ଡି.ଏନ.ଏ.)**

ହିନ୍ଦୋଳରୁ ପ୍ରକାଶିତ ହେଉଥିବା ଅର୍ଦ୍ଧବାର୍ଷିକ ଆଧ୍ୟାତ୍ମିକ ପତ୍ରିକା ପ୍ରୀତିର ପ୍ରୟାସର ୨୬ତମ ସଂସ୍କରଣ ଉତ୍ସବ

- ‘ପ୍ରୀତିର ପ୍ରୟାସ’ର ୨୬ତମ ସଂସ୍କରଣ ଉନ୍ମୋଚିତ
- ସରୋଜିନୀ, ସୁରେନ୍ଦ୍ରନାଥଙ୍କୁ ପ୍ରୀତିର ପ୍ରୟାସ ସମ୍ମାନ

ରବିବାର ନିରାଡ଼ମ୍ବର ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶ୍ରୀରଘୁନାଥଜୀଉ ମଠ ପ୍ରାଙ୍ଗଣରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥିଭାବେ କବି ଉଦୟନାଥ ରଥ, ମୁଖ୍ୟବକ୍ତା ରାଜୀବଗୋପାଳ ସ୍ୱାଇଁ, ସମ୍ମାନିତ ଅତିଥି ପ୍ରଫେସର ରବିନାରାୟଣ ପଣ୍ଡା, କବି ବାହାଦୁର ପାଟସାହାଣି, ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ହେମନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ପାଶ୍ଚାତ୍ୟ ସଂସ୍କୃତିର ମାତ୍ରାଧିକ ଚାପରେ ଭାରତୀୟ ସଂସ୍କୃତି ପ୍ରଭାବିତ ହେଉଛି। ସମାଜରେ କଳୁଷତା ବଢ଼ିବାରେ ଲାଗିଛି। ଏହାକୁ ରୋକିବାକୁ ହେଲେ ଆଧ୍ୟାତ୍ମିକ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଧ୍ୟାତ୍ମିକତାର ବ୍ୟାପକ ପ୍ରଚାର, ପ୍ରସାର ଆଗାମୀ ଦିନରେ ପଥ ପ୍ରଦର୍ଶକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ପ୍ରାରମ୍ଭରେ ସନ୍ଥ ଡ. ଶ୍ୟାମସୁନ୍ଦର ଦାସ ଶାସ୍ତ୍ରୀଜୀ ମଙ୍ଗଳାଚରଣ ପାଠ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହାପରେ ଦିବଂଗତ କବି ଶିବପ୍ରସାଦ ପଟ୍ଟନାୟକ, କୁଞ୍ଜବିହାରୀ ସାହୁଙ୍କ ଅମରାତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଣ୍ଣମୟୀ ପ୍ରଧାନ ଏବଂ ସାଥୀ ସ୍ୱାଗତ ସଂଗୀତ ଗାନ କରିଥିଲେ। ପତ୍ରିକାର ସମ୍ପାଦକ ଅଭୟ କୁମାର ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା ଦେବା ପରେ ‘ପତ୍ରିକା’ ଉନ୍ମୋଚନ ହୋଇଥିଲା। ଦୁଇଟି ଅଧିବେଶନରେ ଭକ୍ତି ସାହିତ୍ୟ ଆଲୋଚନା ଏବଂ ଆଧ୍ୟାତ୍ମିକ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା।

ଏହି ଅବସରରେ ୨୦୨୦ବର୍ଷ ପାଇଁ ଅନୁଗୋଳର କବୟିତ୍ରୀ ସରୋଜିନୀ ଦେଈ ଏବଂ ପୁରୀର କବି ଡ. ସୁରେନ୍ଦ୍ରନାଥ ପତିଙ୍କୁ ‘ପ୍ରୀତିର ପ୍ରୟାସ ସମ୍ମାନ’, ବର୍ଷା ନାୟକ ଏବଂ ସରିତା ବେହେରାଙ୍କୁ ‘ଭାରତୀ ପ୍ରତିଭା ସମ୍ମାନ’, ପ୍ରଫେସର ଡ. ରବିନାରାୟଣ ପଣ୍ଡାଙ୍କୁ ‘ପଞ୍ଚଜନ୍ୟ ସମ୍ମାନ’, ଅଙ୍କିତା ସାହୁ ଏବଂ ଆଶୁତୋଷ ସାମଲଙ୍କୁ ‘ଭାଗୀରଥି ଯୁବ ପ୍ରତିଭା ସମ୍ମାନ’, ନରସିଂହପୁରର ଉଦୟନାଥ ରଥଙ୍କୁ ‘କୌସ୍ତୁଭମଣି ସମ୍ମାନ’ରେ ସମ୍ମାନିତ କରାଯାଇଥିଲା।

କାର୍ଯ୍ୟକ୍ରମରେ କବି ଡ. ହାଡ଼ିବନ୍ଧୁ ମିଶ୍ର ସଭାପତିତ୍ୱ କରିଥିଲେ। ମିନତି ସାମଲ ଧନ୍ୟବାଦ ଦେଇଥିଲେ। ଶେଷ ଚରଣରେ କଳାକାରଙ୍କ ଦ୍ୱାରା ସମ୍ବଲପୁରୀ, ଓଡ଼ିଶୀ ନୃତ୍ୟ ସହ ସମରକଳା ପ୍ରଦର୍ଶିତ ହୋଇଥିଲା। ଇଂ.ନିମାଇଁ ଚରଣ ନାୟକ, ଗୌତମ ବେହେରା, ସିପୁନ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଶାର ବିଭିନ୍ନ ସ୍ଥାନରୁ ଶତାଧିକ ସାହିତ୍ୟପ୍ରେମୀ, କବି, କବୟିତ୍ରୀ, ପ୍ରାବନ୍ଧିକ ଯୋଗଦେଇଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

